# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

### 29 March - 2024

### News Editor : Tapan Kumar Moharana

********************************

## ମୁଖ୍ୟ ସମ୍ବାଦ

- ମନରେଗା ଯୋଜନାରେ ଓଡ଼ିଶାର ଅଣକୁଶଳୀ ଶ୍ରମିକ ମାନଙ୍କର ମଜୁରୀ ୨୫୪ ଟଙ୍କାକୁ ବୃଦ୍ଧିକଲେ କେନ୍ଦ୍ର ସରକାର ।

- ରାଜ୍ୟର ସ୍କୁଲ ଗୁଡ଼ିକରେ ଆସନ୍ତା ମଙ୍ଗଳବାରରୁ ନାମଲେଖା ପ୍ରକ୍ରିୟା ହେବ ଆରମ୍ଭ ।

- ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣ କରି ଖ୍ରୀଷ୍ଟ ସମ୍ପ୍ରଦାୟର ଭାଇଭଉଣୀମାନେ ବିଶ୍ୱର କୋଣ ଅନୁକୋଣରେ ଆଜି ପାଳନ କରୁଛନ୍ତି ଶୁଭ ଶୁକ୍ରବାର ।

ଏବଂ

- ଦେଶପ୍ରେମର ବଳିଷ୍ଠ ପ୍ରତୀକ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ରାଜ୍ୟବାସୀ ଦେଲେ ଶ୍ରଦ୍ଧାଞ୍ଜଳି ।

## ମନରେଗା ମଜୁରି ବୃଦ୍ଧି

କେନ୍ଦ୍ର ସରକାର ମହାତ୍ମାଗାନ୍ଧି ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ଓଡ଼ିଶାର ଅଣକୁଶଳୀ ଶ୍ରମିକମାନଙ୍କର ମଜୁରି ୨୫୪ ଟଙ୍କାକୁ ବୃଦ୍ଧି କରିଛନ୍ତି । ନିର୍ବାଚନ କମିଶନଙ୍କ ଅନୁମତି ମିଳିବା ପରେ ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟ ନୂଆ ମଜୁରୀ ବାବଦରେ ବିଜ୍ଞପ୍ତି ଜାରି କରିଛି । ବର୍ଦ୍ଧିତ ମଜୁରି ହାର ଆସନ୍ତା ସୋମବାରରୁ ଲାଗୁ ହେବ । ଓଡ଼ିଶାରେ ଏହି ଯୋଜନା ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ପୂର୍ବରୁ ୨୩୭ ଟଙ୍କା ମିଳୁଥିଲା । ଉପଭୋକ୍ତା ମୂଲ୍ୟସୂଚୀ - କୃଷି ଶ୍ରମିକ ଆଧାରିତ ତଥ୍ୟ ଅନୁସାରେ ମନରେଗା ମଜୁରୀରେ ପରିବର୍ତ୍ତନ କରାଯାଇଛି । ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ମନରେଗା ଲାଗି ବଜେଟ୍‌ରେ ୮୬ ହଜାର କୋଟି ଟଙ୍କା ବ୍ୟୟବରାଦ କରାଯାଇଛି ।

## ସ୍କୁଲ ନାମଲେଖା-ଏପ୍ରିଲ ୨

୨୦୨୪-୨୫ ଶିକ୍ଷାବର୍ଷ ପାଇଁ ଆସନ୍ତା ମଙ୍ଗଳବାର ଠାରୁ ଛାତ୍ରଛାତ୍ରୀମାନଙ୍କ ବୟସ ଅନୁସାରେ ସେମାନଙ୍କୁ ସଠିକ୍ ଶ୍ରେଣୀରେ ନାମ ଲେଖାଇବା ପାଇଁ ପ୍ରଧାନଶିକ୍ଷକମାନେ ଗୁରୁତ୍ୱ ଦେବାକୁ ଓଡ଼ିଶା ସ୍କୁଲ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଓସେପା ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି । ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀମାନଙ୍କୁ ଏ ସମ୍ପର୍କରେ ଚିଠି ଲେଖି ଓସେପା ଅବଗତ କରାଇଛି । ପ୍ରଥମରୁ ନବମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନଙ୍କ ସମିଟିଭ୍ ଆସେସମେଣ୍ଟ-

୨ ପରୀକ୍ଷାଫଳ ସମ୍ପର୍କରେ ସ୍କୁଲ କର୍ତ୍ତୃପକ୍ଷମାନେ ଅଭିଭାବକ ଓ ଛାତ୍ରଛାତ୍ରୀଙ୍କୁ ଆସନ୍ତା ଏପ୍ରିଲ ୨ ତାରିଖ ଦିନ ଅବଗତ କରାଇବେ । ଶିକ୍ଷାବର୍ଷ ଆରମ୍ଭ ହେବା ପରେ ପିଲାମାନଙ୍କୁ ମାଗଣା ପାଠ୍ୟପୁସ୍ତକ ବଣ୍ଟନ କରାଯିବ ବୋଲି ଜିଲ୍ଲାସ୍ତରର ସମସ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ-ଶିକ୍ଷୟିତ୍ରୀ ମାନଙ୍କୁ ଓସେପା ପ୍ରକଳ୍ପ ନିର୍ଦ୍ଦେଶକ ଅନୁପ ଶାହା ଚିଠି ଲେଖିଛନ୍ତି ।

## ନିର୍ବାଚନ-ନୟାଗଡ

ନୟାଗଡ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ନୟାଗଡ, ରଣପୁର, ଦଶପଲ୍ଲା ଓ ଖଣ୍ଡପଡା ରହିଛି । ୩ଟି ଲୋକସଭା ସଂସଦୀୟ କ୍ଷେତ୍ର ପୁରୀ, କନ୍ଧମାଳ ଏବଂ କଟକ ଅଧୀନରେ ନୟାଗଡ ଜିଲ୍ଲାର ୪ଟି ବିଧାନସଭା ନିର୍ବାଚନମଣ୍ଡଳୀ ଅନ୍ତର୍ଭୁକ୍ତ । ୧୯୯୩ ମସିହା ଏପ୍ରିଲ ୧ ତାରିଖରେ ନୟାଗଡ ଜିଲ୍ଲା ପୁରୀ ଜିଲ୍ଲାରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ଜିଲ୍ଲାର ମାନ୍ୟତା ପାଇଥିଲା ।

ନୟାଗଡ ଜିଲ୍ଲାରେ ନିର୍ବାଚନ ପଞ୍ଚମ ଓ ଷଷ୍ଠ ପର୍ଯ୍ୟାୟରେ  ଆସନ୍ତା ମଇ ମାସ ୨୦ ଏବଂ ୨୫ ତାରିଖରେ ମତଦାନ ଗ୍ରହଣ କରାଯିବ । ଜିଲ୍ଲାର ୩ଟି ଲୋକସଭା କ୍ଷେତ୍ର ଏବଂ ୪ଟି ବିଧାନସଭା ଲାଗି ୯୩୩ଟି ବୁଥ୍‌ରେ ପ୍ରାୟ ୮ ଲକ୍ଷ ୩ ହଜାର ଭୋଟର ମତଦାନ କରିବେ । ସେମାନଙ୍କ ମଧ୍ୟରେ ୪ ଲକ୍ଷ ୧୯ ହଜାର ୯୯୯ ଜଣ ପୁରୁଷ ଭୋଟର୍ ଏବଂ ୩ ଲକ୍ଷ ୮୨ ହଜାର ୭୫୬ ମହିଳା ଭୋଟର୍ ଅଛନ୍ତି । ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟ ସୂତ୍ରରୁ

ମିଳିଥିବା ସୂଚନା ଅନୁସାରେ, ଜିଲ୍ଲାରେ ୪୭ ଜଣ ତୃତୀୟଲିଙ୍ଗୀ ଭୋଟର୍ ଅଛନ୍ତି। ଭିନ୍ନକ୍ଷମ ଏବଂ ବରିଷ୍ଠ ନାଗରିକଙ୍କ ଭୋଟର ସଂଖ୍ୟା ୩୬ହଜାର ଥିବା ଜଣାପଡିଛି ।

ନିର୍ବାଚନକୁ ଅବାଧ ମୁକ୍ତ ଶାନ୍ତି ଶୃଙ୍ଖଳାର ସହିତ ପରିଚାଳନା ଲାଗି ଜିଲ୍ଲା ପ୍ରଶାସନ ପ୍ରସ୍ତୁତ ଅଛି ବୋଲି ନୟାଗଡ ଜିଲ୍ଲାପାଳ ସ୍ୱଧାଦେବ ସିଂହ କହିଛନ୍ତି।

# - V/O -

ନୟାଗଡ ଜିଲ୍ଲା ନିର୍ବାଚନ ପ୍ରସ୍ତୁତି ସଂପର୍କରେ ଆମ ସମ୍ବାଦଦାତା ବିଶ୍ୱନାଥ ପ୍ରତାପ ପଟ୍ଟନାୟକଙ୍କ ରିପୋର୍ଟ...

# - V/O -

## ଗୁଡ୍ ଫ୍ରାଇଡେ

ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣୀୟ କରିବା ଲାଗି ବିଶ୍ୱର କୋଣ ଅନୁକୋଣରେ ଆଜି ଶୁଭ ଶୁକ୍ରବାର - ଗୁଡ୍ ଫ୍ରାଇଡେ ପାଳନ କରାଯାଉଛି । ଖ୍ରୀଷ୍ଟିଆନ ସମ୍ପ୍ରଦାୟର ଭାଇଭଉଣୀମାନେ ପ୍ରଭୁ ଯିଶୁଖ୍ରୀଷ୍ଟଙ୍କର ଧାର୍ମିକ ଚିନ୍ତାଧାରା ଏବଂ ପବିତ୍ର ବାର୍ତ୍ତାକୁ ସମାଜରେ ପ୍ରସାରିତ କରିବାପାଇଁ ଆଜିର ଦିନରେ ଆଗେଇ ଆସିଥାନ୍ତି । ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବାର୍ତ୍ତା ସମାଜରେ ଲୋକଙ୍କର ଦୁଃଖରୁ ମୁକ୍ତି ଦେବାରେ ସମର୍ପିତ ଥିଲା । ଶୁଭ ଶୁକ୍ରବାରରେ ଯୀଶୁ ମାନବ ଜାତିକୁ ପାପରୁ ମୁକ୍ତ କରିବା ଲାଗି କ୍ରୁଶବିଦ୍ଧ ହୋଇଥିଲେ

ବୋଲି ଖ୍ରୀଷ୍ଟ ଧର୍ମାବଲମ୍ବୀମାନେ କହିଛନ୍ତି । ଆଜିର ଦିନରେ ଏହି ସମ୍ପ୍ରଦାୟର ଲୋକମାନେ ବାଇବେଲ ଗ୍ରନ୍ଥ ପାଠ କରି ଚର୍ଚ୍ଚ ଗୁଡ଼ିକରେ ଶ୍ରଦ୍ଧାଳୁମାନଙ୍କୁ ଶିକ୍ଷା ଦିଆଯାଇଥାଏ ।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁଡ୍ ଫ୍ରାଇଡେ ଅବସରରେ ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ବଳିଦାନକୁ ସ୍ମରଣ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ୍ କରି ଶ୍ରୀ ମୋଦୀ କହିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କର ମହାନ ବଳିଦାନକୁ ମାନବ ଜାତି ସର୍ବଦା ସ୍ମରଣୀୟ ହୋଇ ରହିବ । ଗୁଡ୍ ଫ୍ରାଇଡେ ଅବସରରେ ପ୍ରତ୍ୟେକ ବ୍ୟକ୍ତି ପ୍ରଭୁ ଯୀଶୁଙ୍କର ବଳିଦାନରୁ ଶକ୍ତି ସଂଗ୍ରହ କରିବେ ବୋଲି ପ୍ରଧାନମନ୍ତ୍ରୀ କାମନା କରିଛନ୍ତି ।

ରାଜ୍ୟପାଳ ରଘୁବର ଦାସ ଗୁଡ୍ ଫ୍ରାଇଡେ ଅବସରରେ ତାଙ୍କ ବାର୍ତ୍ତାରେ କହିଛନ୍ତି, ପ୍ରଭୁ ଯିଶୁଖ୍ରୀଷ୍ଟଙ୍କ ବଳିଦାନ ସ୍ମାରକୀ ବହନ କରୁଛି ଏବଂ ମାନବ ଜାତିକୁ ପ୍ରେମ, ତ୍ୟାଗ, ଭ୍ରାତୃତ୍ୱ ଆଉ କ୍ଷମାର ବାର୍ତ୍ତା ପ୍ରଦାନ କରୁଛି ।

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କ ବାର୍ତ୍ତାରେ କହିଛନ୍ତି ପ୍ରଭୁ ଯୀଶୁଖ୍ରୀଷ୍ଟଙ୍କ ମହାନ ବଳିଦାନକୁ ସମସ୍ତେ ସ୍ମରଣ କରିବା ସହ ଶାନ୍ତି, ପ୍ରେମ, କରୁଣା ରାସ୍ତାରେ ଯିବା ପାଇଁ ପ୍ରାର୍ଥନା କରିବା ଉଚିତ୍ ।

ଶୁଭ ଶୁକ୍ରବାର ଅବସରରେ ଭଦ୍ରକ ସହରରେ ବାପିଷ୍ଟ ଚର୍ଚ୍ଚଠାରେ ଆଜି ପାଳିତ ହୋଇଥିବା କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଏବଂ ଖ୍ରୀଷ୍ଟିୟାନ ଧର୍ମାବଲମ୍ବୀମାନେ ଯୋଗଦେଇ ପ୍ରଭୁ ଯୀଶୁଙ୍କର ବଳିଦାନକୁ ସ୍ମରଣ କରିଥିଲେ । ଚାନ୍ଦବାଲି, ପୀରହାରଟ, ଚରମ୍ପା, ବନ୍ତ, ନନ୍ଦପୁର, ଘଣ୍ଟେଶ୍ୱର,

ଅମ୍ବରୋଲି ଆଦି ସ୍ଥାନରେ ଥିବା ଚର୍ଚ୍ଚ ଗୁଡ଼ିକରେ ଶୁଭ ଶୁକ୍ରବାର ପାଳିତ ହେଉଥିବା ସମ୍ବାଦ ଆମ ହସ୍ତଗତ ହୋଇଛି ।

ସୁବର୍ଣ୍ଣପୁର ଜିଲ୍ଲାରେ ଥିବା ଚର୍ଚ୍ଚ ଗୁଡ଼ିକରେ ଖ୍ରୀଷ୍ଟିୟାନ ଭାଇଭଉଣୀମାନେ ସମୂହ ପ୍ରାର୍ଥନା ଓ ବାଇବେଲ ପାଠ କରାଯାଉଛି । ଜିଲ୍ଲାର ଉଲୁଣ୍ଡା, ତରଭା ଆଦି ଅଞ୍ଚଳର ଚର୍ଚ୍ଚ ମାନଙ୍କରେ ସମୂହ ପ୍ରାର୍ଥନା ସଭାର ଆୟୋଜନ କରାଯାଇଛି ।

ଦୟା ଓ କ୍ଷମାର ନିଦର୍ଶନ କରୁଣାବତାର ପ୍ରଭୁ ଶ୍ରୀ ଯୀଶୁଖ୍ରୀଷ୍ଟଙ୍କର କ୍ରୁଶବିଦ୍ଧ ଦିବସ-ଶୁଭ ଶୁକ୍ରବାର ନବରଙ୍ଗପୁର ଜିଲ୍ଲାର ବିଭିନ୍ନ ଚର୍ଚ୍ଚ ଗୁଡ଼ିକରେ ପାଳନ କରାଯାଉଛି । ନବରଙ୍ଗପୁର, ତେନ୍ତୁଳିଖୁଣ୍ଟି, ଉମରକୋଟ, କୋଷାଗୁମୁଡା, ଡାବୁଗାଁ ଅଞ୍ଚଳରେ ଥିବା ଚର୍ଚ୍ଚ ମାନଙ୍କରେ ପ୍ରାର୍ଥନା ସଭା ଏବଂ ବାଇବେଲ ଅଧ୍ୟୟନ ଚାଲିଛି ।

# ଓଡ଼ିଶା-ଜଙ୍ଗଲ ନିଆଁ

ଦେଶର ଅନ୍ୟ ରାଜ୍ୟମାନଙ୍କ ତୁଳନାରେ ଓଡ଼ିଶାର ବନାଗ୍ନି ପରିମାଣ ନିୟନ୍ତ୍ରଣରେ ରହିଛି । ଚଳିତବର୍ଷ ଜାନୁଆରୀ ୧ ତାରିଖରୁ ଗତକାଲି ସୁଦ୍ଧା ଓଡ଼ିଶାର ୧୨୨ଟି ବନାଗ୍ନିକୁ ମିଶାଇ ଦେଶରେ ୪ହଜାର ୨୪୩ଟି ବଡଧରଣର ବନାଗ୍ନି ଚିହ୍ନଟ ହୋଇଛି । ଆନ୍ଧ୍ରପ୍ରଦେଶରେ ସର୍ବାଧିକ ୫୪୪ଟି ବନାଗ୍ନି ଚିହ୍ନଟ ହୋଇଛି । ଗତକାଲି ଗୋଟିଏ ଦିନରେ ଦେଶରେ ୨୬୪ଟି ଜଙ୍ଗଲରେ ବନାଗ୍ନି ଘଟିଛି ବୋଲି ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆ ରିପୋର୍ଟରେ କୁହାଯାଇଛି । ରାଜ୍ୟର ମାଲକାନଗିରି ଜିଲ୍ଲାର ଅକୁରବିଟ୍, ନବରଙ୍ଗପୁର

ଜିଲ୍ଲାର ନବରଙ୍ଗପୁର ବ୍ଲକ ବିଟ୍, କଳାହାଣ୍ଡି ଜିଲ୍ଲାର ଥୁଆମୁଳ ରାମପୁର ବ୍ଲକବିଟ୍, ରାୟଗଡା ଜିଲ୍ଲାର ଚନ୍ଦ୍ରପୁର ବିଟ୍‌ରେ ଗତକାଲି ବଡଧରଣର ବନାଗ୍ନି ଘଟିଥିବା କୁହାଯାଇଛି । ଜଙ୍ଗଲରେ ବନାଗ୍ନିକୁ ରୋକିବା ପାଇଁ ଲୋକମାନଙ୍କ ଭିତରେ ଲୋକକଳା ଓ ଲୋକନୃତ୍ୟ ମାଧ୍ୟମରେ ସଚେତନ କରାଯାଉଛି ବୋଲି ପ୍ରଧାନ-ମୁଖ୍ୟ ବନସଂରକ୍ଷକ ପିସିସିଏଫ୍‌ଙ୍କ କାର୍ଯ୍ୟାଳୟରୁ ସୂଚନା ମିଳିଛି ।

# ଶହିଦ ଲକ୍ଷ୍ମଣ ନାୟକ

ଦେଶପ୍ରେମର ବଳିଷ୍ଠ ପ୍ରତୀକ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସରେ ଆଜି ରାଜ୍ୟବାସୀ ତାଙ୍କର ସ୍ମୃତିଚାରଣ କରୁଛନ୍ତି । ୧୮୯୯ ମସିହା ନଭେମ୍ବର ୨୨ ତାରିଖରେ କୋରାପୁଟ ଜିଲ୍ଲାର ତେନ୍ତୁଳିଗୁମ୍ମା ଗ୍ରାମରେ ଜନ୍ମିତ ସହିଦ ଲକ୍ଷ୍ମଣ ନାୟକ ଗାନ୍ଧିଜୀଙ୍କର ଅହିଂସା ପଥକୁ ଆପଣେଇ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହ ଏବଂ ୧୯୪୨ ମସିହାରେ ଭାରତଛାଡ ଆନ୍ଦୋଳନରେ ସକ୍ରିୟ ଭୂମିକା ନେଇଥିଲେ । ଇଂରେଜ ଶାସକ ସହିଦ ଲକ୍ଷ୍ମଣ ନାୟକଙ୍କୁ କୋରାପୁଟ ଜିଲ୍ଲାର ମାଥିଲିରେ ଘଟିଥିବା ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଦାୟୀ କରି ବ୍ରହ୍ମପୁର କାରାଗାରରେ ଆଜିର ଦିନରେ ଫାଶୀ ଦେଇଥିଲା । ଆଦିବାସୀ ସମ୍ପ୍ରଦାୟର ମଉଡମଣି ସହିଦ ଲକ୍ଷ୍ମଣ ନାୟକଙ୍କ ସ୍ମୃତିରେ ଅନେକ ଅନୁଷ୍ଠାନ ନିର୍ମିତ ହୋଇଛି ।

ସୋସିଆଲ ମିଡିଆରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଜନଜାତି ଜନନାୟକ ଶହୀଦ୍ ଲକ୍ଷ୍ମଣ ନାଏକଙ୍କୁ ବଳିଦାନ ଦିବସରେ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି ।

କୋରାପୁଟ ଜିଲ୍ଲାର ବିଭିନ୍ନ ସ୍ଥାନରେ ସହିଦ ଲକ୍ଷ୍ମଣ ନାୟକଙ୍କ ବଳିଦାନ ଦିବସ ଅବସରରେ ଏହି ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀଙ୍କର ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି । କୋରାପୁଟ ଓ ଜୟପୁର ସହିତ ସହିଦଙ୍କର ଜନ୍ମସ୍ଥାନ ତେନ୍ତୁଳିଗୁମ୍ମାଠାରେ ତାଙ୍କର ଶ୍ରାଦ୍ଧଦିବସ ପାଳନ ହେଉଥିବା ଆମ ସମ୍ବାଦଦାତା ଜଣାଇଛନ୍ତି ।

ରାୟଗଡା ଜିଲ୍ଲାସ୍ତରୀୟ ସହିଦ ଲକ୍ଷ୍ମଣ ନାୟକଙ୍କର ୮୨ତମ ଶ୍ରାଦ୍ଧ ଦିବସରେ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ ମୁଖ୍ୟଅତିଥି ଭାବେ ଯୋଗଦେବା ସହିତ ସହରର ଶାସ୍ତ୍ରୀନଗରଠାରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ପ୍ରତିଯୋଗିତା କରାଯାଇଥିଲା ।

ନବରଙ୍ଗପୁର ଜିଲ୍ଲା ପ୍ରଶାସନ ପକ୍ଷରୁ ସହିଦ ଲକ୍ଷ୍ମଣ ନାୟକ ବିଦ୍ୟାପୀଠଠାରେ ଥିବା ସହିଦଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡକ୍ଟର କମଳଲୋଚନ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସହିଦ ଲକ୍ଷ୍ମଣ ନାୟକଙ୍କର ସ୍ମୃତିଚାରଣ କରିଥିଲେ ।